# NATIONAL NEWS BULLETIN (ODIA)

**26 December- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଦେଶବ୍ୟାପୀ ଆଜି ପାଳନ କରାଯାଉଛି ବୀର୍ ବାଲ୍ ଦିବସ ।

– ରାଷ୍ଟ୍ରପତି ପ୍ରଦାନ କଲେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର

- ପୁରସ୍କୃତ ବାଳକବାଳିକାଙ୍କୁ ସମ୍ବୋଧନ କରି ପରାଧୀନତାର ଚିନ୍ତାଧାରାରୁ ଊର୍ଦ୍ଧ୍ୱକୁ ଉଠି କାର୍ଯ୍ୟ କରିବାକୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ

- ନୂଆଦିଲ୍ଲୀଠାରେ ଆତଙ୍କବାଦ ନିରୋଧୀ ଦୁଇଦିନିଆ ସମ୍ମିଳନୀକୁ ଉଦ୍‌ଘାଟନ କଲେ ସ୍ୱରାଷ୍ଟ୍ରମନ୍ତ୍ରୀ

- ଆଜିଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେଉଛି ୩ ଦିନିଆ ପଞ୍ଚମ ଜାତୀୟ ମୁଖ୍ୟସଚିବ ସମ୍ମିଳନୀ

ଏବଂ

- ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଚଳିତ ସିରିଜ୍‌ର ତୃତୀୟ ଟି-୨୦ ମ୍ୟାଚ୍ ଆଜି ଥିରୁବନନ୍ତପୁରମ୍‌ଠାରେ ଖେଳାଯିବ ।

## ବାଲ୍ ପୁରସ୍କାର

ଶିଖ୍ ଗୁରୁ ଗୋବିନ୍ଦ ସିଂହ ଜୀଙ୍କ ଦୁଇ ପୁତ୍ର ସାହେବ ଜାଦେ ବାବା ଜୋର୍‌ୱାର୍ ସିଂହ ଜୀ ଏବଂ ବାବା ଫତେହେ ସିଂହ ଜୀଙ୍କ ଅଦମ୍ୟ ସାହସ ଓ ବଳିଦାନକୁ ସମ୍ମାନ ଜଣାଇ ଆଜି ଦେଶବ୍ୟାପୀ ବୀର୍ ବାଲ୍ ଦିବସ ପାଳନ

କରାଯାଉଛି । ଅଳ୍ପ ବୟସରେ ନିଜକୁ ଉତ୍ସର୍ଗ କରିଥିବା ଏହି ସାହେବ ଜାଦେଙ୍କ ଜୀବନୀ ଭାରତର ଇତିହାସର ଏକ ମର୍ମସ୍ପର୍ଶୀ ଅଧ୍ୟାୟ । ଗତ ୨୦୨୨ ଜାନୁଆରୀ ମାସରେ ଗୁରୁ ଗୋବିନ୍ଦ ସିଂହଙ୍କ ପ୍ରକାଶ ପର୍ବ ପାଳନ ଅବସରରେ ବୀର ବାଲ୍ ଦିବସ ପାଳନ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିଲେ । ସେବେଠାରୁ ପ୍ରତିବର୍ଷ ଡିସେମ୍ବର ୨୬ ତାରିଖରେ ପାଳିତ ହୋଇଆସୁଛି ।

ଏହି ଅବସରରେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ ତାଙ୍କ ବାର୍ତ୍ତାରେ କହିଛନ୍ତି, ସାହେବ ଜାଦେଙ୍କ ଅଟଳ ବିଶ୍ୱାସ ଏବଂ ସାହସିକତା ଦେଶକୁ ପ୍ରେରଣା ପ୍ରଦାନ କରି ଚାଲିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ରାଧାକ୍ରିଷ୍ଣନ କହିଛନ୍ତି, ସେମାନଙ୍କ ସତ୍ୟ, ଧାର୍ମିକତା ଏବଂ ନ୍ୟାୟ ପ୍ରତି ଦୃଢ଼ ପ୍ରତିବଦ୍ଧତା ଦେଶବାସୀଙ୍କ ସମ୍ମୁଖରେ ନୈତିକ ଶକ୍ତି ଏବଂ ନିସ୍ୱାର୍ଥପର ସମର୍ପଣର ଏକ ଉଦାହରଣ ଭାବେ ପ୍ରତିଫଳିତ ହେଉଛି ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଦୁଇ ସାହେବ ଜାଦେଙ୍କ ବଳିଦାନକୁ ସ୍ମରଣକରି କହିଛନ୍ତି, ସେମାନଙ୍କର ବୀରତ୍ୱର ଗାଥା ମାତୃଭୂମି ପାଇଁ ତ୍ୟାଗ ଓ ସମର୍ପଣ ଭାବର ପ୍ରତୀକ ହୋଇ ରହିଛି ।

---

## ପ୍ରେଜ୍- ବାଲ୍ ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଦେଶର ପିଲାମାନେ ଦେଶପ୍ରେମ ଏବଂ ଉଚ୍ଚ ଆଦର୍ଶରେ ଅନୁପ୍ରାଣିତ ହୋଇପାରିଲେ ମାନବିକତାକୁ ସୁନିଶ୍ଚିତ କରିଥାଏ । ବୀର୍ ବାଲ୍‌ଦିବସ ପାଳନ ଅବସରରେ ନୂଆଦିଲ୍ଲୀରେ ଆଜି ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପ୍ରଦାନ କରିବା ଅବସରରେ ରାଷ୍ଟ୍ରପତି ଏହା କହିଛନ୍ତି । ସେ କହିଛନ୍ତି,

ଏହି ପୁରସ୍କାର ପାଇଁ ମନୋନୀତ ପିଲାମାନେ ଉତ୍ସାହିତ ହେବା ସହ ସମଗ୍ର ଦେଶର ପିଲାଙ୍କୁ ଏଭଳି ପୁରସ୍କାର ପ୍ରେରଣା ପ୍ରଦାନ କରିବ । ସାହସିକତା, କଳା ଓ ସଂସ୍କୃତି, ପରିବେଶ, ନବସୃଜନ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଆଦି ବିଭିନ୍ନ କ୍ଷେତ୍ରରେ ମନୋନୀତ ପିଲାମାନେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି ।

**V/O**

ଚଳିତବର୍ଷ ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୨୦ ଜଣ ପିଲାଙ୍କୁ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା ।

# ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ପରାଧୀନତାର ଚିନ୍ତାଧାରାରୁ ଉର୍ଦ୍ଧ୍ୱକୁ ଉଠି ସମସ୍ତଙ୍କୁ କାର୍ଯ୍ୟ କରିବାକୁ ପଡ଼ିବ । ବୀର୍ ବାଲ୍ ଦିବସ ପାଳନ ଅବସରରେ ନୂଆଦିଲ୍ଲୀର ଭାରତମଣ୍ଡପମ୍‌ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି ।

**V/O**

ଏହି ଅବସରରେ ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ପିଲାମାନଙ୍କୁ ଦେଶ ପ୍ରଥମ ଚିନ୍ତାଧାରାରେ ଅନୁପ୍ରାଣୀତ ହେବାକୁ ପରାମର୍ଶ ଦେଇଛନ୍ତି ।

## ଶାହା-ଆଣ୍ଟିଟେରୋର୍ କନ୍‌ଫରେନ୍ସ

ନୂଆଦିଲ୍ଲୀରେ ଆଜି ଆତଙ୍କବାଦ ନିରୋଧି ସମ୍ମିଳନୀକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଶ୍ରୀ ଶାହା ୯ ଜଣ ଏନ୍‌ଆଇଏ କର୍ମଚାରୀଙ୍କୁ ସେମାନଙ୍କର ପ୍ରଶଂସନୀୟ ସେବା ଓ ଆତଙ୍କବାଦୀ ନିରୋଧୀ ପଦକ୍ଷେପ ପାଇଁ ସମ୍ମାନିତ କରିଛନ୍ତି । ଏହି ଅବସରରେ ଏନଆଇଏର କ୍ରାଇମ୍ ମାନୁଆଲ୍, ସଂଗଠିତ ଅପରାଧ ନେଟଓ୍ୱର୍କ ଡାଟାବେସ୍ ଏବଂ ପୁନରୁଦ୍ଧାର ହୋଇଥିବା ଡାଟାବେଟ୍‌କୁ ମଧ୍ୟ ମନ୍ତ୍ରୀ ଶ୍ରୀ ଶାହା ଉନ୍ମୋଚନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି, ଆତଙ୍କବାଦ ହେଉଛି ମାନବ ଜାତିର ସବୁଠାରୁ ବଡ଼ ଶତ୍ରୁ । ସମସ୍ତଙ୍କୁ ସମ୍ମିଳିତ ଭାବେ ଏହା ବିରୁଦ୍ଧରେ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ଶାହା ଆହ୍ୱାନ ଦେଇଛନ୍ତି ।

ଏହି ଦୁଇଦିନିଆ ସମ୍ମିଳନୀ ଜାତୀୟ ସୁରକ୍ଷାକୁ ପ୍ରଭାବିତ କରୁଥିବା ତଥା ଆତଙ୍କବାଦରୁ ସୃଷ୍ଟ ଆହ୍ୱାନଗୁଡ଼ିକ ଉପରେ ଆଲୋଚନା ପାଇଁ ଏକ ମଞ୍ଚ ପ୍ରଦାନ କରିବ । ଆତଙ୍କବାଦ ନିରୋଧ କାର୍ଯ୍ୟରେ ନିୟୋଜିତ ସୁରକ୍ଷା ବାହିନୀ, ବୈଷୟିକ ଗୋଷ୍ଠୀ, ଆଇନ୍‌ଗତ ଓ ଫରେନ୍‌ସିକ୍ ବିଶେଷଜ୍ଞ ଏହି ବୈଠକରେ ମତବିନିମୟ କରିବେ ।

## ପିଏମ୍-ଚିଫ୍ ସେକ୍ରେଟେରିଜ୍

ନୂଆଦିଲ୍ଲୀରେ ଆଜିଠାରୁ ୩ ଦିନିଆ ପଞ୍ଚମ ଜାତୀୟ ମୁଖ୍ୟସଚିବ ସମ୍ମିଳନୀ ଆରମ୍ଭ ହେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଓ ରବିବାର ଦୁଇଦିନ ଏହି ସମ୍ମିଳନୀରେ ଅଧ୍ୟକ୍ଷତା କରିବେ । ଜାତୀୟ

ବିକାଶକୁ ପ୍ରାଥମିକତା ପ୍ରଦାନ କରିବା ସହିତ କେନ୍ଦ୍ର ଓ ରାଜ୍ୟ ସମନ୍ୱିତ ସହଯୋଗକୁ ଅଧିକ ସୁଦୃଢ଼ କରିବାରେ ଏହି ସମ୍ମିଳନୀ ଏକ ଦୃଢ଼ ମଞ୍ଚ ପ୍ରଦାନ କରିବ । ଦେଶର ମାନବ ସମ୍ବଳ କ୍ଷେତ୍ରକୁ ଅଧିକ ସଶକ୍ତ କରିବା ସହ ଅନ୍ତର୍ଭୁକ୍ତି, ଭବିଷ୍ୟତ ପାଇଁ ପ୍ରସ୍ତୁତି ଅଭିବୃଦ୍ଧି ସଂକ୍ରାନ୍ତ ଉଭୟ ରାଜ୍ୟ ଓ କେନ୍ଦ୍ର ଏକୀକୃତ ଚିଠା ପ୍ରସ୍ତୁତ କରିବାରେ ଏହି ମଞ୍ଚ ଉପଯୋଗୀ ସାବ୍ୟସ୍ତ ହେବ ।

ସହଯୋଗମୂଳକ ସଂଘୀୟ ଦୃଷ୍ଟିକୋଣକୁ ଏହା ପ୍ରୋତ୍ସାହନ ପ୍ରଦାନ କରିବ ବୋଲି କୁହାଯାଇଛି । ବିକଶିତ ଭାରତ ପାଇଁ ମାନବ ସମ୍ବଳ ପ୍ରସଙ୍ଗ ଉପରେ ଏହି ସମ୍ମିଳନୀରେ ଗୁରୁତ୍ୱ ପ୍ରଦାନ କରାଯିବ । ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ସର୍ବୋତ୍ତମ ପଦକ୍ଷେପ ଗୁଡ଼ିକ ସଂପର୍କରେ ଅନ୍ୟମାନଙ୍କୁ ଅବଗତ କରାଯିବା ସହ ଏହାକୁ ଆପଣାଇବାରେ ମାର୍ଗଦର୍ଶନ ଉପରେ ସମ୍ମିଳନୀରେ ମତ ବିନିମୟ ହେବ ।

ଚଳିତବର୍ଷ ୫ଟି ପ୍ରମୁଖ କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରୀଭୂତ ରହିଛି । ସେଗୁଡ଼ି ହେଉଛି ପ୍ରାରମ୍ଭିକ ଶୈଶବ ଶିକ୍ଷା, ବିଦ୍ୟାଳୟ ଶିକ୍ଷା, ଦକ୍ଷତା, ଉଚ୍ଚଶିକ୍ଷା, କ୍ରୀଡ଼ା ଏବଂ ପାଠପଢ଼ା ବ୍ୟତୀତ ଅନ୍ୟାନ୍ୟ କ୍ଷେତ୍ର ଗତ ୨୦୨୨ ମସିହାରେ ପ୍ରଥମଥର ପାଇଁ ଧର୍ମଶାଳାଠାରେ ଅନୁଷ୍ଠିତ ହୋଇଥିବା ବେଳେ ପ୍ରତିବର୍ଷ ଏହି ଜାତୀୟ ସମ୍ମିଳନୀର ଆୟୋଜନ କରାଯାଉଛି ।

# ଶିବରାଜ-ବିକଶିତ ଭାରତ ଜିରାମଜି

୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର କରିବା ପାଇଁ ଗ୍ରାମାଞ୍ଚଳରେ ବିକାଶମୂଳକ କାର୍ଯ୍ୟକୁ ପ୍ରାଧାନ୍ୟ ଦିଆଯିବ ବୋଲି କୃଷି ଓ କୃଷକ କଲ୍ୟାଣ

ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି । ଦୂରଦର୍ଶନ ସମ୍ବାଦ ବିଭାଗ ସହ ଏକ ସାକ୍ଷାତକାରରେ ଶ୍ରୀ ଚୌହାନ କହିଛନ୍ତି, ଏହି ଯୋଜନା ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରକୁ ୧୨୫ଦିନର ନିଶ୍ଚିତ ନିଯୁକ୍ତି ସୁଯୋଗ ପ୍ରଦାନ କରିବେ । ନୂତନ ଭାବରେ ପ୍ରଣୀତ ବିଭି-ଜିରାମଜି ଆଇନ ଅଧୀନରେ ଆବେଦନର ୧୫ ଦିନ ମଧ୍ୟରେ କାମ ଯୋଗାଯିବା ବାଧ୍ୟତାମୂଳକ ନଚେତ ବେକାରୀ ଭତ୍ତା ପ୍ରଦାନ କରାଯିବ।

**V/O**

ଶ୍ରୀ ଚୌହାନ କହିଛନ୍ତି ଏହି ଆଇନ ଅଧୀନରେ ମଜୁରୀ, ସାମଗ୍ରୀ ଏବଂ ପ୍ରଶାସନିକ ଖର୍ଚ୍ଚ ବାବଦରେ ମୋଟ୍ ୧ଲକ୍ଷ ୫୧ ହଜାର କୋଟିରୁ ଅଧିକ ଟଙ୍କା ମଂଜୁର କରାଯାଇଥିବା ବେଳେ କେନ୍ଦ୍ରୀୟ ଅଂଶ ବାବଦରେ ସେଥିରୁ ୯୫ ହଜାର କୋଟିରୁ ଅଧିକ ଟଙ୍କା ରହିଛି ।

# କାମ୍ବୋଡ଼ିଆ ଥାଇଲ୍ୟାଣ୍ଡ

ଥାଇଲ୍ୟାଣ୍ଡ ପକ୍ଷରୁ ଏଫ୍-୧୬ ଲଢୁଆ ବିମାନ ମାଧ୍ୟମରେ କାମ୍ବୋଡ଼ିଆର ବାଣ୍ଟେ ମିଏଞ୍ଚେ ପ୍ରଦେଶର ଏକ ଗ୍ରାମରେ ବୋମାମାଡ଼ କରାଯାଇଛି । କାମ୍ବୋଡ଼ିଆ ପ୍ରତିରକ୍ଷା ମନ୍ତ୍ରଣାଳୟର ମୁଖପାତ୍ର ଗଣମାଧ୍ୟମକୁ ଏ ସଂପର୍କରେ ସୂଚନା ଦେଇ କହିଛନ୍ତି, ସେହି ଅଞ୍ଚଳରେ ଥାଇଲ୍ୟାଣ୍ଡ ୪୦ଟି ବୋମାମାଡ଼ କରିଛି । ଚୋକ୍‌ଚେ ଗ୍ରାମରେ ସାଧାରଣ ଲୋକଙ୍କ ଘର ଏବଂ ଭିତ୍ତିଭୂମି କ୍ଷେତ୍ର ଏହା ଦ୍ୱାରା ନଷ୍ଟ ହୋଇଛି । ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଗତକାଲି କାମ୍ବୋଡ଼ିଆ ଓ ଥାଇଲ୍ୟାଣ୍ଡ ମଧ୍ୟରେ ଚାଲିଥିବା ସଂଘର୍ଷର ଶାନ୍ତିପୂର୍ଣ୍ଣ ସମାପନ ନେଇ ଦୁଇଦେଶକୁ ଅନୁରୋଧ କରିଛନ୍ତି । କାମ୍ବୋଡ଼ିଆ ପ୍ରଧାନମନ୍ତ୍ରୀ ହୁନ୍ ମାନେଟ୍‌ଙ୍କ ସହ ଟେଲିଫୋନ୍ ମାଧ୍ୟମରେ ଆଲୋଚନା ସମୟରେ ଶ୍ରୀ

ରୁବିଓ କହିଛନ୍ତି, ଶାନ୍ତି ପରିସ୍ଥିତିକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଆଲୋଚନାକୁ ଅଧିକ ସହଜ କରିବାକୁ ଆମେରିକା ପ୍ରସ୍ତୁତ ଅଛି ।

# ପିଏମ୍ ଇଜ୍ ଅଫ୍ ଲିଭିଂ

ଦେଶବାସୀଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବା ଏବଂ ଭବିଷ୍ୟତରେ ବିଭିନ୍ନ କ୍ଷେତ୍ରରେ ସଂସ୍କାରମୂଳକ ପଦକ୍ଷେପ ଆଣିବା ପାଇଁ କେନ୍ଦ୍ର ସରକାର ପ୍ରତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମାଇ ଗଭ୍ ଇଣ୍ଡିଆ ର ଏକ ପ୍ରସଙ୍ଗ ଆଧାରିତ ଲେଖାକୁ ଶେୟାର କରି ଶ୍ରୀ ମୋଦୀ କହିଛନ୍ତି, ସଂସ୍କାରମୂଳକ ପଦକ୍ଷେପ ଗୁଡ଼ିକ ଫଳାଫଳ ଉପରେ ଧ୍ୟାନ କେନ୍ଦ୍ରିତ କରିଛନ୍ତି । ସରଳ ଟିକସ ଆଇନ, ତ୍ୱରିତ ବିବାଦ ସମାଧାନ, ଆଧୁନିକ ଶ୍ରମ ସଂହିତା ଏବଂ ଅପରାଧମୁକ୍ତ ଅନୁପାଳନ ନାଗରିକଙ୍କୁ ସୁଶାସନ ପ୍ରଦାନ କରିବା ସହ ବ୍ୟବସାୟ କ୍ଷେତ୍ରକୁ ଅଧିକ ଗତିଶୀଳ କରିଛି । ବିଭିନ୍ନ ଦିଗକୁ ପର୍ଯ୍ୟାଲୋଚନା କରି ସରକାରଙ୍କ ଦ୍ୱାରା ପ୍ରସ୍ତୁତ ନୀତି ଗୁଡ଼ିକର ଦୈନନ୍ଦିନ ଜୀବନକୁ ଉନ୍ନତ କରିବାରେ ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# କ୍ରିକେଟ୍

ଭାରତ-ଶ୍ରୀଲଙ୍କା ଚଳିତ ପାଞ୍ଚଟିକିଆ ସିରିଜ୍ ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତାର ତୃତୀୟ ମ୍ୟାଚ୍ ଆଜି ଥିରୁବନନ୍ତପୁରମ୍‌ଠାରେ ଖେଳାଯିବ । ଗ୍ରୀନ୍‌ଫିଲ୍ଡ ଆନ୍ତର୍ଜାତିକ ଷ୍ଟାଡିୟମ୍‌ଠାରେ ଏହି ମ୍ୟାଚ୍ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ । ବିଶାଖାପାଟଣାଠାରେ ଅନୁଷ୍ଠିତ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଭାରତ ବିଜୟୀ ହୋଇ ୨-୦ରେ ସିରିଜ୍‌ରେ ଆଗୁଆ ରହିଛି ।

ପ୍ରଥମ ମ୍ୟାଚ୍‌ରେ ଭାରତ ୮ ୱିକେଟ୍‌ରେ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ୭ ୱିକେଟ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା ।